# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ



ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

Alastair Paterson

ପ୍ରଯୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ । ଆଶ୍ଚର୍ଯ୍ୟ କର୍ମ ଗୁଡ଼ାକ ପ୍ରମାଣିତ କରନ୍ତି ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ସର୍ବ ପ୍ରଥମ ଆଶ୍ଚର୍ଯ୍ୟ କର୍ମ ଏକ ବିବାହ ଭୋଜିରେ ହୋଇଥିଲା । ଏକ ଅସୁବିଧା ଉପୁଜିଲା, ସେଠାରେ ସମସ୍ତଙ୍କ ପାଇଁ ଯଥେଷ୍ଟ ଦ୍ରାକ୍ଷାରସ ନଥିଲା ।



ମରୀୟମ୍ ଯୀଶୁଙ୍କ ମାତା, ସେହି ଅସୁବିଧା ବିଷୟରେ ଅବଗତ କରିଲେ । ତା ପରେ ସେ ପରିଚାରକ ମାନଙ୍କୁ କହିଲେ ସେ ଯାହା ବି କରିବାକୁ କହନ୍ତି ତାହାର ଆଜ୍ଞା ଅନୁଷାରେ କର ।



ଏହି ମାଠିଆ ଗୁଡ଼ିକ ଜଳରେ ଭର୍ତ୍ତି କର, ଯୀଶୁ ସେମାନଙ୍କୁ କହିଲେ ।
ଜଳ? ସେମାନେ ପଚ଼ାରିଥାଇ ପାରନ୍ତି । ହଁ, ଜଳରେ ପୂର୍ଣ୍ଣ କରିବାକୁ
ଯୀଶୁ ସେମାନଙ୍କୁ ଅନୁରୋଧ କରିଥିଲେ ।



ତା ପରେ ଯୀଶୁ ଏକ ସେବକଙ୍କୁ କହିଲେ,
ଏବେ ଏଠାରୁ କିଛି ବାହାର କରି ଭୋଜର
ଅଧ୍ୟକ୍ଷଙ୍କ ନିକଟକୁ ଘେନିଯାଅ, ସେ ପ୍ରଥମେ
ଏହାକୁ ଆସ୍ୱାଦନ କରନ୍ତୁ । ବର୍ତ୍ତମାନ୍ ସେହି
ଜଳ ଦ୍ରାକ୍ଷାରସ ହୋଇଯାଇଥିଲା, ଭଲ
ଦ୍ରାକ୍ଷାରସ, ଉତ୍ତମ ଦ୍ରାକ୍ଷାରସ, ଅତି
ଉତ୍ତମ ଦ୍ରାକ୍ଷାରସ ।



ସେବକମାନେ ଆଚମ୍ବିତ ହୋଇଗଲେ । ଯୀଶୁ
ସେହି ଜଳକୁ ଦ୍ରାକ୍ଷାରସରେ ପରିଣତ
କରିଥିଲେ । କେବଳ ପରମେଶ୍ୱର ଏପରି
ଆଶ୍ଚର୍ଯ୍ୟ କର୍ମ କରିପାରନ୍ତି ।





ଯୀଶୁ ଆଉ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ । ଏକ ସଂଧ୍ୟା ସମୟରେ, ସେ ଆଉ ତାଙ୍କର ଶିଷ୍ୟମାନେ ସମସ୍ତେ ପିତରଙ୍କ ଗୃହକୁ ଗଲେ । ପିତରଙ୍କ ଶାଶୁ ଜ୍ୱରରେ ଅତ୍ୟନ୍ତ ପିଡ଼ତା ଥିଲେ ।

ଯୀଶୁ ପିଡ଼ିତା ସ୍ତ୍ରୀଙ୍କର ହାତକୁ ସ୍ପର୍ଶ କଲେ । ସେହି ମୁହୂର୍ତ୍ତରେ ସେ ରୋଗମୁକ୍ତ ହୋଇଯାଇଥିଲେ ।
ସେ ଶେଜରୁ ଉଠି ଯୀଶୁ ଓ ଶିଷ୍ୟ ମାନଙ୍କର ସେବା କଲା ।



ଏକ ସଂଧ୍ୟା ସମୟରେ ସମସ୍ତେ
ଶହର ଦ୍ୱାର ନିକଟରେ ଜମା
ହୋଇଗଲେ । ଅନେକ ରୋଗଗ୍ରସ୍ତ
ଲୋକମାନେ ଆସିଲେ । ଅନ୍ଧ,
କାଲ୍ଲା, ବୋବା, ଖଞ୍ଜ, ଏପରିକି
ଅଶୁଚି ଆତ୍ମାଗ୍ରସ୍ତ ଲୋକମାନେ
ମଧ୍ୟ ଯୀଶୁଙ୍କ ନିଟକୁ ଆସିଲେ ।



ଯୀଶୁ, ପରମେଶ୍ୱରଙ୍କ ପୁତ୍ର, ସାହାଯ୍ୟ କରିପାରନ୍ତି । ଯୀଶୁ ସାହାଯ୍ୟ କଲେ । ଯେଉଁମାନେ ଯୀଶୁଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ସୁସ୍ଥ କଲେ । ଲୋକ ଯେଉଁମାନେ ବହୁ କଷ୍ଟରେ ନିଜ ଜୀବନ ଯାପନ କରୁଥିଲେ ଚାଲି ପାରୁ ନ ଥିଲେ ଓ ଦୌଡ଼ି କିମ୍ବା ଡିଆଁ ମାରି ପାରୁ ନଥିଲେ ।





ଅନ୍ୟମାନେ ଆସିଲେ, ଯେଉଁମାନେ
କୋଷ୍ଠ ରୋଗ ହେତୁରୁ ଅବାଗିଆ
ଦେଖାଯାଉଥିଲେ ।

ସେମାନେ ସୁସ୍ଥତା ପାଇଲେ
ଯେତେବେଳେ ଯୀଶୁ
ସେମାନଙ୍କୁ ସୁସ୍ଥ କଲେ ।



ପୁରୁଷ ଓ ସ୍ତ୍ରୀ ମାନେ ଯେଉଁମାନେ
ଅଶୁଚି ଆତ୍ମା ହେତୁରୁ ଯନ୍ତ୍ରଣା
ଅନଭବ କରୁଥିଲେ, ଯୀଶୁଙ୍କ
ଆଗରେ ଛିଡ଼ା ହେଲେ ।
ସେ ସେହି ଅଶୁଚି
ଆତ୍ମା ମାନଙ୍କୁ ବାହାରି
ଯିବାକୁ ଆଜ୍ଞା ଦେଲେ ।
ଯେତେବେଳେ ଅଶୁଚି
ଆତ୍ମା ଗୁଡ଼ିକ ତାଙ୍କ ଆଜ୍ଞା
ମାନିଲେ, ଭୟକଲେ,
ଦୁଃଖରେ ଥିବା
ଲୋକମାନେ ଶାନ୍ତି
ଓ ଆନନ୍ଦ କଲେ ।



ଲୋକଗହଳି ପଛରେ, ଚ଼ାରିଜଣ ଲୋକ ତାଙ୍କର ଏକ ବନ୍ଧୁଙ୍କୁ ଯୀଶୁଙ୍କ ନିକଟକୁ ଆସିବାକୁ ସାହାଯ୍ୟ କଲେ । ମାତ୍ର ସେମାନେ ତାଙ୍କ ପାଖକୁ ଯାଇ ପାରିଲେ ନାହିଁ । ସେମାନେ ଏବେ କଣ କରିବେ ।





ସେହି ରୋଗିକୁ ବୋଝେଇ ସେମାନେ ସେହି ଗୃହର ଛାତକୁ
ପଳାଇଗଲେ, ସେହି ବିଶ୍ୱସ୍ତ ଚ଼ାରି ବନ୍ଧୁମାନେ ଗୃହର
ଛାତକୁ ବାହାର କରିଲେ ଓ ସେହି ମଧ୍ୟଦେଇ
ରୋଗୀଙ୍କୁ ତଳକୁ ଖସାଇଦେଲେ ।
ବର୍ତ୍ତମାନ୍ ସେ ଯୀଶୁଙ୍କ
ପାଖରେ ।

ଯୀଶୁ ସେହି ଚାରି ବନ୍ଧୁଙ୍କର ବିଶ୍ୱାସକୁ
ଦେଖିଲେ । ସେ ସେହି ରୋଗୀଙ୍କୁ କହିଲେ,
ତୁମ୍ଭର ପାପସବୁ କ୍ଷମା କରିଗଲା ।
ତୁମ୍ଭର ଖଟିଆ ଘେନି ଚାଲିଯାଅ ।
ସେହି ଲୋକ ଭଲ ଶକ୍ତ ହୋଇ
ଛିଡ଼ା ହେଲା । ଯୀଶୁ ତାଙ୍କୁ
ସୁସ୍ଥ କରିଥିଲେ ।





ସଂଙ୍ଗେ ସଂଙ୍ଗେ ଯୀଶୁ ନିଜ ଶିଶ୍ୟମାନଙ୍କ
ସହିତ ନୌକାରେ ବସିଲେ । ସେହି ସମୟରେ
ସମୁଦ୍ରରେ ଭୟଙ୍କର ଝଡ଼ ତୋଫାନ୍ ହେଲା
ଓ ଯୀଶୁ ନିଦ୍ରାଯାଇଥିଲେ । ଭୟଭୀତ
ଶିଶ୍ୟମାନେ ଯୀଶୁଙ୍କୁ ନିଦ୍ରାରୁ ଉଠାଇଲେ ।
ଗୁରୁ ଆମ୍ଭେମାନଙ୍କୁ ରକ୍ଷା କରନ୍ତୁ,
ସେମାନେ ପ୍ରାର୍ଥନା କଲେ । ଆମ୍ଭମାନେ
ବୁଡ଼ିବାକୁ ଯାଉଛୁ ।

ସୁସ୍ଥିର ହୁଅ, ଯୀଶୁ ସମୁଦ୍ର ଲହଡ଼ିକୁ ଆଜ୍ଞା ଦେଲେ । ତତ୍କ୍ଷଣାତ୍, ସମୁଦ୍ର ଶାନ୍ତ ହୋଇଗଲା । ଏହା କିପରି ଲୋକ, ନିଜର ଶିଶ୍ୟମାନେ ନିଜ ନିଜ ମଧ୍ୟରେ କହିବାକୁ ଲାଗିଲେ । ଏପରି କି ବାୟୁ ଏବଂ ସମୁଦ୍ର ମଧ୍ୟ ତାଙ୍କ ଆଜ୍ଞା ମାନନ୍ତି । ସେମାନେ ବିଶ୍ୱାସ କଲେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି କାରଣ ତାଙ୍କର ଆର୍ଶ୍ଚର୍ଯ୍ୟ କର୍ମ ପରମେଶ୍ୱରଙ୍କ ମହିମା ପ୍ରକାଶ କରେ । ତାଙ୍କର ଶିଶ୍ୟମାନେ ଏକଥା ଆଗରୁ ଜାଣି ନଥିଲେ, କିନ୍ତୁ ସେମାନେ ତାଠାରୁ ବି ଅଧିକ ଆର୍ଶ୍ଚର୍ଯ୍ୟ କର୍ମ ଦେଖିବାକୁ ଯାଉଛନ୍ତି କାରଣ ଯୀଶୁ ସେମାନଙ୍କ ସହିତରେ ରହି ପରମେଶ୍ୱରଙ୍କ ସେବା କରୁଥିଲେ ।



# ଯୀଶୁଙ୍କ ଆଶ୍ଚର୍ଯ୍ୟ କର୍ମଗୁଡ଼ାକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୮-୯, ମାର୍କ ୧-୨, ମାର୍କ ୪, ଲୂକ ୪, ଲୂକ ୮, ଯୋହନ ୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬